ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 14-11-2025

ଗଜପତି(ଓଡିଶା) - :2025-11-14 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-11-15 | 2025-11-16 | 2025-11-17 | 2025-11-18 | 2025-11-19 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 32.0 | 32.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 18.0 | 19.0 | 19.0 | 20.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 73 | 71 | 75 | 77 | 78 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 35 | 34 | 36 | 41 | 47 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 4 | 5 | 4 |
| ପବନର ଦିଗ (ଡିଗ୍ରୀ) | 349 | 354 | 6 | 18 | 5 |
| ମେଘାଚ୍ଛନ (ଅକ୍ଟା) | 1 | 2 | 0 | 1 | 0 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ସଫା ରୁ ମୁଖ୍ୟତଃ ସଫା ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୪.୦ ରୁ ୦୫.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨.୦° ସେଲସିୟସ ଏବଂ ୧୮.୦° ସେଲସିୟସ ରୁ ୨୦.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୭୧ ରୁ ୭୮ ଶତକଡା ଏବଂ ୩୪ ରୁ ୪୭ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ସତର୍କ ସୂଚନା ନାହିଁ

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ପ୍ରଭାବ ନାହିଁ |

## ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୩.୦° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୯.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୦.୦ ମିଲିମିଟର ବର୍ଷା ହୋଇଅଛି । ଶୀତ ଦିନିଆ ପନିପରିବା ତଳିଘରା ରେ ମଞ୍ଜି ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ ଏବଂ ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘରା ରେ ଜଳସେଚନ କରନ୍ତୁ । ଧାନ କେଣ୍ଡାରେ ଶତକଡା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ । ବେଙ୍ଗଳା ପରେ ଧାନକୁ ଭଲଭାବେ ୨ ରୁ ୩ ଦିନ ଖରାରେ ଶୁଖାଇ HDPE ବ୍ୟାଗରେ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଆର୍ଦ୍ରତା ରଖନ୍ତୁ । ଧାନ ସାଇତି ରଖିଥିବା ପାତ୍ର ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ୍ ଏକ ଟନ ପିଛା ୩ ଟି ଟାବଲେଟ୍ ସମୁଦାୟ ୯ ଗ୍ରାମ ଟାବଲେଟ୍ ଭଲଭାବେ ଟାରପୋଲିନ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନରୁହେ । ବର୍ତ୍ତମାନ ପାଇରା ଚାଷ କରିବାର ଉପଯୁକ୍ତ ସମୟ, ଯାହାକି ଧାନ କାଟିବାର ୧୫ ଦିନ ପୂର୍ବରୁ କରାଯାଇଥାଏ । ଲଙ୍କା ଫସଲରେ ଜଳସେଚନ ଅତି ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଫୁଲ ଫୁଟିବା ସମୟରେ ମାଟି ଶୁଖିଗଲେ ଝଡିପଡେ, ତେଣୁ ମାଟିର ବତର ଦେଖି ୧୦ ରୁ ୧୨ ଦିନ ଅନ୍ତରରେ ଜଳସେଚନ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଶୀତ ଦିନିଆ ପନିପରିବା ଯଥା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳ ବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣିରେ ପ୍ରତି ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ଫସଲରେ କେଣ୍ଡା କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ । |
| ସୂର୍ଯ୍ୟମୁଖୀ ଫ୍ଲୋବେର | ବର୍ତ୍ତମାନ ରବି ସୂର୍ଯ୍ୟମୁଖୀ ଫସଲ ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣାବୁଣି କାମ ଶେଷ କରନ୍ତୁ । ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳ କ୍ଷମ କିସମ ଯଥା ମର୍ଡନ୍, ସନରାଇଜ୍, ସୂର୍ଯ୍ୟ ଓ ହାଇବ୍ରିଡ୍ କିସମ ଯଥା କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୩ ଓ ଏମ୍.ଏସ୍.ଏଫ୍.ଏଚ୍ ଆଦି କିସମ ଲଗାନ୍ତୁ । ଏକର ପ୍ରତି ଅଧିକ ଅମଳ କ୍ଷମ କିସମ ଅଣଜଳସେଚିତ ଜମିରେ ୪ କି.ଗ୍ରା, ଜଳସେଚିତ ଜମିରେ ୩.୫ କି.ଗ୍ରା ବିହନ ଓ ହାଇବ୍ରିଡ୍ କିସମ ଜଳସେଚିତ ଜମିରେ ୨ ରୁ ୨.୫କି.ଗ୍ରା, ଜଳସେଚିତ ଜମିରେ ୧.୫ ରୁ ୨ କି.ଗ୍ରା ବିହନ ଦରକାର ହୋଇଥାଏ । ବୁଣିବାର ପୁର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ ଓ ବିହନ ବିଶୋଧନ କରି ବୁଣନ୍ତୁ । ୧ କି.ଗ୍ରା ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ । ଝାଉଁଳା ରୋଗ ଦୁରେଇବା ପାଇଁ ପ୍ରତି କି.ଗ୍ରା ବିହନକୁ ୪ଗ୍ରାମ୍ ଟ୍ରାଇକୋଡର୍ମା ଦ୍ୱାରା ବିହନକୁ ଉପଚାର କରି ବୁଣନ୍ତୁ । ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଏକର ପ୍ରତି ୨ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନ ର ଅଧା (୮ କି.ଗ୍ରା ଯବକ୍ଷାରଜାନ), ୧୬ କି.ଗ୍ରା ଫସଫରସ୍ ଓ ୧୨ କି.ଗ୍ରା ପଟାସ୍ ସାରକୁ ମୂଳସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ । ହାଇବ୍ରିଡ୍ କିସମ ପାଇଁ ଏହାର ଦୁଇ ଗୁଣ ସାର ପ୍ରୟୋଗ କରନ୍ତୁ । ଲଗାଇବା ପୂର୍ବରୁ ବିହନକୁ ୧୦-୧୨ ଘଣ୍ଟା ଭିଜାଇ ବୁଣିଲେ ଭଲଗଜା ହୋଇଥାଏ । ପାଣିରୁ ଛାଣିବା ପରେ ଏକର ପ୍ରତି ୬୦୦ ଗ୍ରାମ୍ ପିଏସବି କଲଚର୍ ରେ ବିହନକୁ ଉପଚାର କରି ବୁଣନ୍ତୁ । ଧାଡିକୁ ଧାଡି ମଟାଳ ମାଟିରେ ୬୦X୩୦ ସେମି ଓ ଦୋରସା ମାଟିରେ ୪୫X୩୦ ସେମି ବ୍ୟବଧାନ ରଖି ବିହନକୁ ୩ ସେମି ଗଭୀରରେ ବୁଣନ୍ତୁ । |
| ସୋରିଷ | ରବି ଋତୁରେ ସୋରିଷ ଚାଷ କରୁଥିଲେ, ସଅଳ କିସମ ଯଥା ନିର୍ମଲ ବ୍ଲାକ ଗୋଲ୍ଡ, ଟି-୯, ଏମ-୨୭, ପି. ଟି-୩୦୩ ଏବଂ ବିଳମ୍ବ କିସମ ପୁଷା ବାହାର, ବିନୟ ଆଦି କିସମ ଏକର ପ୍ରତି ୩ ରୁ ୫ କେଜି ମଞ୍ଜି ବ୍ୟବହାର କରନ୍ତୁ । କାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କିଗ୍ରା ମଞ୍ଜିରେ ମିଶାଇ ବିହନ ବିଶୋଧନ କରନ୍ତୁ । ଧାଡିକୁ ଧାଡି ୨୦ ସେମି ଏବଂ ଗଛକୁ ଗଛ ୧୦ ସେମି ଦୂରତାରେ ବିଳମ୍ବ କିସମ ଏବଂ ଧାଡିକୁ ଧାଡି ୩୦ ସେମି ଏବଂ ଗଛକୁ ଗଛ ୧୦ ସେମି ଦୂରତାରେ ସଅଳ କିସମ ଲଗାନ୍ତୁ। |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ତୁଳା | ବୁଣାଯାଇଥିବା କପା ବର୍ତମାନ ଫଳ ହେବାରୁ ଫଳ ଫାଟିବା (୧୬ – ୧୯ ସପ୍ତାହ) ଅବସ୍ଥାରେ ଅଛି । ଫାଟି ଯାଇଥିବା ପାକଳ ଫଳରୁ କପା ଅମଳ କରନ୍ତୁ । କପା ଫସଲରେ ଫଳ ବୃଦ୍ଧି ସମୟରେ ଫଳ ବିନ୍ଧା ପୋକ ଲାଗିବାର ସମ୍ଭାବନା ଅଛି । କପାରେ ଫଳ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଏକରକୁ ୮୦ ଗ୍ରାମ Emamectin Benzoate ୫% SG କିମ୍ବା ୬୦ ମିଲି Chlorantraniliprole ୧୮.୫% SC କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଫାଟି ଯାଇଥିବା ପାକଳ ଫଳରୁ କପା ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସମ୍ଭାବ୍ୟ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣ ଫସଲରେ ଫଳ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Propineb ନାମକ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଟମାଟୋ ଚାଷ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ, ୫୨ କିଲୋଗ୍ରାମ ଡିଏପି ଏବଂ ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଧାଡି କୁ ଧାଡି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ବ୍ୟବଧାନ ରଖି ଚାରା ଲଗାନ୍ତୁ । |
| ବନ୍ଧାକୋବି | ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର ୧୫-୨୦ ଦିନ ମଧରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୩ କିଲୋଗ୍ରାମ ୟୁରିଆ ସାର ସହ ୨୩ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଫସଲ ୩୦-୩୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୩୩ କିଲୋଗ୍ରାମ ୟୁରିଆ ସାର ସହ ୨୩ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଚାରା ଲଗେଇବା ସମୟରେ ଯଦି ବୋରନ ପ୍ରୟୋଗ କରି ନାହାନ୍ତି ତେବେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲକଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ଏକର ପ୍ରତି ୪ କିଲୋଗ୍ରାମ ବୋରାକ୍ସ କିମ୍ବା ପ୍ରତି ଲିଟର ପାଣିରେ ୧-୧.୫ ଗ୍ରାମ ଫୋଲିବୋର ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ପିଆଜ | ତଳି ପଟାଳି ରେ ବିହନ ଲଗାଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । |
| ମରିଗଲଦ | ନାଲି ବୁଢିଆଣୀ ଅଷ୍ଟପଦୀ ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ସଲଫର ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ନାମକ କୀଟନାଶକ କିମ୍ବା ୨ ମିଲି ଫେନପାଇରୋଗଜିମେଟ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ପ୍ରତି ଦିନ ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ । |
| ଗାଈ | ସର୍ବନିମ୍ନ ତାପମାତ୍ରା କମ୍ ଥିବାରୁ, ପ୍ରାଣୀ ଗୁହାଳରେ ପବନ ଚଳପ୍ରଚଳ ପାଇଁ ଖାଲି ସ୍ଥାନ ଥିଲେ ଏହାକୁ ରାତ୍ରି ସମୟରେର ବନ୍ଦ କରି ଦିଅନ୍ତୁ । ଶୀତ ଋତୁରେ ଗାଈ ଗୋରୁମାନଙ୍କୁ ପ୍ରତି ଦିନ ଖଣିଜ ପଦାର୍ଥ ସହ ଲୁଣ, ଚୋକଡ ଓ ଗୁଡ ଆଦି ୧୦ ରୁ ୨୦ ଶତକଡା ଖାଇବାକୁ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗ ମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛମାନଙ୍କୁ ରୋଗ ନ ହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**